**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**7 December – 2025**

# ବିଧାନସଭା-ଖର୍ଚ୍ଚଦାବି

ବିଧାନସଭାର ଶୀତକାଳୀନ ଅଧିବେଶନର ନବମ ଦିନରେ ଗତକାଲି ଅନୁସୂଚିତ ଜାତି, ଜନଜାତି, ପଛୁଆବର୍ଗ ଓ ସଂଖ୍ୟାଲଘୁ ବିଭାଗ ଏବଂ ଖାଦ୍ୟଯୋଗାଣ ଓ ଖାଉଟୀ କଲ୍ୟାଣ ବିଭାଗର ଖର୍ଚ୍ଚଦାବି ଗୃହୀତ ହୋଇଛି । ଅନ୍ୟସବୁ ବିଭାଗର ଖର୍ଚ୍ଚଦାବି ଗିଲୋଟିନ୍ ମାଧ୍ୟମରେ ଗୃହୀତ ହୋଇଛି । ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ୫୩୧କୋଟି ୭୫ହଜାର ଟଙ୍କାର ଅତିରିକ୍ତ ଖର୍ଚ୍ଚଦାବି ଗୃହରେ ଉପସ୍ଥାପନ କରିଥିବାବେଳେ ଖାଦ୍ୟଯୋଗାଣ ଓ ଖାଉଟୀକଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ୪ହଜାର ୩୨୯କୋଟି ୪୪ଲକ୍ଷ ୧୨ହଜାର ଟଙ୍କାର ଅତିରିକ୍ତ ଖର୍ଚ୍ଚ ଦାବି ଆଗତ କରିଥିଲେ ।

# ମୁଖ୍ୟମନ୍ତ୍ରୀ-ଘଟଗାଁ ଭିତ୍ତିପ୍ରସ୍ତର ସ୍ଥାପନ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି କେନ୍ଦୁଝର ଜିଲ୍ଲା ଗସ୍ତରେ ଯାଇ ମା' ତାରିଣୀ ମନ୍ଦିରର ବିକାଶ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିବେ । ଏହି ପ୍ରକଳ୍ପ ପାଇଁ ୩୧୨ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରାଯିବ । ସୂଚନା ଅନୁଯାୟୀ ଏହି ପ୍ରକଳ୍ପରେ ୨୧୬ ଶଯ୍ୟା ବିଶିଷ୍ଟ ଯାତ୍ରୀ ନିବାସ, ୫୦୦ ଲୋକଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା, ନଡ଼ିଆ କେନ୍ଦ୍ର ଓ ବ୍ୟାଖ୍ୟାନ

କେନ୍ଦ୍ର ନିର୍ମାଣ କରାଯିବ । ଯୋଜନାର ଅଂଶ ଭାବରେ ଜାତୀୟ ରାଜପଥ ତଥା ହରିଚନ୍ଦନପୁରକୁ ୧୨ମିଟର ଚଉଡା ରାସ୍ତା ନିର୍ମାଣ କରାଯିବ ।

## ମୁଖ୍ୟ ଶାସନ ସଚିବ-ବୈଠକ

ବିମାନ ଚଳାଚଳ ଉଚ୍ଚକ୍ଷମତା ସମ୍ପନ୍ନ କମିଟିର ଚତୁର୍ଥ ବୈଠକ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଖାରବେଳ ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବିମାନ ଚଳାଚଳ କ୍ଷେତ୍ରରେ ଭିତ୍ତିଭୂମି ବିକାଶ, ସଂଯୋଗୀକରଣ ବୃଦ୍ଧି ଏବଂ ସକ୍ଷମ ନୀତିଗତ ପରିବେଶ ସୃଷ୍ଟି ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି । ୨୦୪୭ ସୁଦ୍ଧା ୧୫ଟି ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ବିମାନବନ୍ଦର ପ୍ରତିଷ୍ଠା ପାଇଁ ଲକ୍ଷ୍ୟ ରହିଥିବା ବୈଠକରୁ ଜଣାପଡିଛି ।

## ନୂତନ ପାଠ୍ୟପୁସ୍ତକ

ରାଜ୍ୟରେ ୫ମ ଏବଂ ୮ମ ଶ୍ରେଣୀ ପାଇଁ ନୂତନ ଭାବେ ବିକଶିତ ୧୭ଟି ପାଠ୍ୟପୁସ୍ତକକୁ ଅନୁମୋଦନ ମିଳିଛି । ବିଭାଗୀୟ ଶାସନ ସଚିବ ଡକ୍ଟର ଏନ୍. ତିରୁମାଲା ନାୟକଙ୍କ ଅଧ୍ୟକ୍ଷତାରେ ପାଠ୍ୟକ୍ରମ ଏବଂ ପାଠ୍ୟପୁସ୍ତକ ବିକାଶ ସମ୍ପର୍କିତ ଚତୁର୍ଥ କୋର୍‌କମିଟି ବୈଠକରେ ନୂତନ ଜାତୀୟ ଶିକ୍ଷାନୀତି ଅନୁଯାୟୀ ଏହି ଅନୁମୋଦନ ଦିଆଯାଇଛି । ପ୍ରଥମଥର ପାଇଁ ୫୫ଟି ନୂଆ ଏନ୍.ସି.ଇ.ଆର୍.ଟି ପାଠ୍ୟପୁସ୍ତକକୁ ରାଜ୍ୟରେ ଅନୁବାଦ ଏବଂ

ସନ୍ଦର୍ଭିକରଣ କରାଯାଇଛି । ଆସନ୍ତା ଶିକ୍ଷାବର୍ଷରୁ ନୂତନ ପାଠ୍ୟପୁସ୍ତକ ଗୁଡ଼ିକ ପଢ଼ାଯିବ ବୋଲି ଜଣାପଡିଛି ।

## ରାଜ୍ୟପାଳ

ପରିବର୍ତ୍ତିତ ବିଶ୍ୱରେ ସ୍ନାତକମାନଙ୍କୁ ନୈତିକତା, ନିଷ୍ଠା ଏବଂ କରୁଣା ବଜାୟ ରଖିବାକୁ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ଆହ୍ୱାନ ଦେଇଛନ୍ତି । ଗତକାଲି ଭୁବନେଶ୍ୱରସ୍ଥିତ ବିର୍ଲା ଗ୍ଲୋବାଲ ବିଶ୍ୱବିଦ୍ୟାଳୟର ଅଷ୍ଟମ ସମାବର୍ତ୍ତନ ଉତ୍ସବରେ ଯୋଗଦେଇ ରାଜ୍ୟପାଳ କହିଛନ୍ତି ସହାନୁଭୂତି, ସୃଜନଶୀଳତା ଏବଂ ନୈତିକ ମୂଲ୍ୟବୋଧ ମଣିଷକୁ ସ୍ୱତନ୍ତ୍ର କରିଥାଏ । ଏହି ଅବସରରେ ରାଜ୍ୟପାଳ ଛାତ୍ରଛାତ୍ରୀମାନଙ୍କୁ ଡିଗ୍ରୀ ଏବଂ ପଦକ ପ୍ରଦାନ କରିଥିଲେ ।

## ସଶସ୍ତ୍ରବାହିନୀ ପତକା ଦିବସ

ସଶସ୍ତ୍ର ବାହିନୀରେ ସେବାରତ ତଥା ସେବାନିବୃତ୍ତ ଯବାନମାନଙ୍କୁ କୃତଜ୍ଞତା ଜଣାଇବା ଉଦ୍ଦେଶ୍ୟରେ ଆଜି ସଶସ୍ତ୍ର ବାହିନୀ ପତାକା ଦିବସ ପାଳିତ ହେଉଛି । ଏହି ଅବସରରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି କାର୍ଯ୍ୟରତ ଓ ଅବସରପ୍ରାପ୍ତ ଯବାନ ଏବଂ ସେମାନଙ୍କ ପରିବାରବର୍ଗଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମସ୍ତ ସେନାନୀଙ୍କୁ ଶୁଭେଚ୍ଛା ଜଣାଇ ସଶସ୍ତ୍ର ସେନା ପତାକା ଦିବସ ପାଣ୍ଠିକୁ ମୁକ୍ତ ହସ୍ତରେ ଦାନ କରିବା ଲାଗି ଆହ୍ୱାନ ଦେଇଛନ୍ତି ।

# ଦୁର୍ଘଟଣା-ସତର୍କ ଘଣ୍ଟି

କନ୍ଧମାଳ କଳିଙ୍ଗା ଘାଟିରେ ଦୁର୍ଘଟଣା ରୋକିବା ଲାଗି ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ପରୀକ୍ଷାମୂଳକ ଭାବେ ସତର୍କ ଘଣ୍ଟି ଲଗାଯାଇଛି । ଆଇଆଇଟି ଭୁବନେଶ୍ୱର ସହଯୋଗରେ ଘାଟିର ଉଭୟ ପାର୍ଶ୍ୱରେ ଲଗାଯାଇଥିବା ସାଇରନ ଅନ୍ୟକୌଣସି ପଟରୁ ଗାଡ଼ି ଆସୁଥିଲେ ବାଜିଉଠିବ, ଯାହାଫଳରେ ଚାଳକମାନେ ସତର୍କତାର ସହ ଘାଟି ପାର କରିପାରିବେ । ସେନସର ସହାୟତାରେ କାର୍ଯ୍ୟ କରୁଥିବା ଏହି ସାଇରନର ବ୍ୟବହାର ସଫଳ ହେଲେ ଅନ୍ୟସ୍ଥାନ ଗୁଡ଼ିକରେ ଏହାର ବ୍ୟବହାର କରାଯିବ ବୋଲି କୁହାଯାଇଛି ।

# ବାରବାଟୀ ମ୍ୟାଚ୍-କାର୍‌କେଡ

ଭାରତ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ଆସନ୍ତା ୯ ତାରିଖରେ ବାରବାଟୀ ଷ୍ଟାଡିୟମରେ ହେବାକୁ ଥିବା ଟି-୨୦ ମ୍ୟାଚ୍ ପାଇଁ ଗତକାଲି କାର୍‌କେଡ ଅଭ୍ୟାସ ଅନୁଷ୍ଠିତ ହୋଇଯାଇଛି । ଖେଳାଳିମାନେ ଯେଉଳି ସୁରକ୍ଷିତ ଭାବେ ବାରବାଟୀ ଷ୍ଟାଡିୟମରେ ପହଞ୍ଚିବେ ସେନେଇ

କମିଶନରେଟ୍ ପୁଲିସ ସମ୍ପୂର୍ଣ୍ଣ ପ୍ରସ୍ତୁତି କରିଥିବା ପୁଲିସ ମହାନିର୍ଦ୍ଦେଶକ ଯୋଗଶ ବାହାଦୂର ଖୁରାନିଆ କହିଛନ୍ତି ।

**V/O**

# ମଣ୍ଡେଇ ମହୋତ୍ସବ

ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକରେ ଲୋକ ମହୋତ୍ସବ ମଣ୍ଡେଇ ପାଳିତ ହୋଇଯାଇଛି । ସ୍ଥାନୀୟ ନୀଳକଣ୍ଠେଶ୍ୱର ମନ୍ଦିରରେ ପୂଜାର୍ଚ୍ଚନା ସହ ମଣ୍ଡେଇ ମଶାଲ ପ୍ରଜ୍ୱଳିତ କରାଯାଇ ଗ୍ରାମ ପରିକ୍ରମା କରାଯାଇଥିଲା । ଏହି ଅବସରରେ ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ବିଭିନ୍ନ ବିଭାଗର ମଣ୍ଡପ ଖୋଲାଯାଇଛି ।

# ବଳଦେବଜୀଉ-ଦୀପଦାନ

କେନ୍ଦ୍ରାପଡ଼ାର ଆରାଧ୍ୟ ଦେବତା ବଳଦେବଜୀଉଙ୍କ ମନ୍ଦିରରେ ଗତକାଲି ପୌଷ ମାସ କୃଷ୍ଣପକ୍ଷ ଦ୍ୱିତୀୟା ତିଥିର ବାଟଓଷା ଏବଂ ଦାଣ୍ଡପହଁରାନୀତି ପାଳନ କରାଯାଇଛି । ପିଲାମାନଙ୍କ ଦୀର୍ଘ ଆୟୁ ତଥା ମଙ୍ଗଳ କାମନା କରି ଯମ ଦେବତା ଓ ନବଗ୍ରହ ମନ୍ଦିରରେ ଦୀପଦାନ କରାଯାଇଥିଲା ।

# ସାଇକଲ ଚାଳନା ପ୍ରତିଯୋଗିତା

ସମ୍ବଲପୁରରେ ଚାଲିଥିବା ୩୦ତମ ଜାତୀୟ ସଡ଼କ ସାଇକଲ ଚାଳନା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି । ସମ୍ବଲପୁର ବିଧାୟକ ଜୟନାରାୟଣ

ମିଶ୍ର ଉଦ୍‌ଯାପନୀ ସମାରୋହରେ ଯୋଗଦେଇ କ୍ରୀଡ଼ାବିତ୍‌ମାନଙ୍କୁ ସେମାନଙ୍କ ପ୍ରଦର୍ଶନୀ ପାଇଁ ଶୁଭେଚ୍ଛା ଜଣାଇଛନ୍ତି । ଏହି ପ୍ରତିଯୋଗିତାରେ ରାଜସ୍ଥାନ ସର୍ବାଧିକ ୨୧ଟି ପଦକ ହାସଲ କରି ପ୍ରଥମ ସ୍ଥାନରେ ରହିଥିବାବେଳେ ଓଡ଼ିଶା ୩ଟି ପଦ ସହ ଅଷ୍ଟମ ସ୍ଥାନରେ ରହିଛି ।

# ପାଣିପାଗ

ରାଜ୍ୟର ଅଧିକାଂଶ ଅଞ୍ଚଳରେ ରାତିର ତାପମାତ୍ରା ୨ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇଛି । ଦାରିଙ୍ଗବାଡ଼ିରେ ଗତକାଲି ସର୍ବନିମ୍ନ ତାପମାତ୍ରା ୮ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ କରାଯାଇଛି । ପାଣିପାଗ ବିଭାଗର ସୂଚନା ଅନୁସାରେ ଆଜି ଓ ଆସନ୍ତାକାଲି କୋରାପୁଟ, ସୁନ୍ଦରଗଡ଼, କଳାହାଣ୍ଡି ଓ କନ୍ଧମାଳ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ଘନକୁହୁଡ଼ି ଦେଖାଦେବ ।